# ପ୍ରେସ୍‌ନୋଟ୍

## ଜିଲ୍ଲା ସଡକ ସୁରକ୍ଷା କମିଟୀ ବୈଠକ ।

## ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥାକୁ କଡାକଡି କରିବାକୁ ନିଷ୍ପତ୍ତି ।

ଅନୁଗୋଳ, ତା.୨୫.୧୧:- ଜିଲ୍ଲାରେ ଘଟୁଥିବା ସଡକ ଦୁର୍ଘଟଣାର ହାର କମାଇବା ଓ ବିଭିନ୍ନ କାର୍ଯ୍ୟକ୍ରମକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଆଜି ପୂର୍ବାହ୍ନରେ ଚଳିତ ମାସର ଜିଲ୍ଲା ସଡକ ସୁରକ୍ଷା କମିଟୀ ବୈଠକ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ରାଜପଥ ୫୫ରେ ଚିହ୍ନଟ ହୋଇଥିବା ୬ଟି ବ୍ଲାକ୍‌ସ୍ପଟ୍ (ପ୍ୟାଚ)ର ତୁରନ୍ତ ମରାମତି ନିମନ୍ତେ ଚଳିତ ମାସ ଶେଷ ଭାଗରେ ଟେଣ୍ଡର ଡାକିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲେ ପାଣ୍ଠି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି । କାରଗିଲ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ପାଣି ଜମି ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ପାଣି ନିଷ୍କାସନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସହରରେ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥାକୁ ସୁଗମ କରିବାକୁ ଏକ ବହୁମୁଖୀ ଦଳ ଗଠନ କରାଗଲା । ରାଜସ୍ୱ,ପୋଲିସ,ଟାମଡା,ପୌରପାଳିକା ଓ ଆଂଚଳିକ ପରିବହନ ଅଧିକାରୀଙ୍କୁ ନେଇ ଏହି ଦଳ ଗଠନ କରାଗଲା । ବେଆଇନ୍ ଭାବେ ଗାଡି ପାର୍କିଂ କରି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ଗାଡିଗୁଡିକୁ ଓ ଜନଗହଳି ପୂର୍ଣ୍ଣ ସ୍ଥାନରେ ଗାଡି ରଖିବାକୁ ନେଇ ଏହି ଦଳ ଯାଂଚ କରି ସିଧା କ୍ରେନ ସାହାଯ୍ୟରେ ଉଠାଇନେବ ଓ ଜୋରିମନା କରିବ । ସହରରେ ହେଉଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସାମନାରେ କୌଣସି ଯାନ ବାହନ ରହିବ ନାହିଁ । ବିନା ପାର୍କିଂ ବ୍ୟବସ୍ଥାରେ ଭେଣ୍ଡି ଜୋନ ଚାଲିପାରିବ ନାହିଁ ଓ ଜେଲ ପାଚେରୀ ପାଖରେ କୌଣସି ଦୋକାନ ବଜାର ଚାଲିବ ନାହିଁ । ମାନ୍ୟବର ସାଂସଦ ଢେଙ୍କାନାଳଙ୍କ ପତ୍ର ଅନୁଯାୟୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ସାପ୍ତାହିକ ହାଟ ଚାଲୁଥିବାରୁ ଏହାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ସହରରେ ଚାଲୁଥିବା ସମସ୍ତ ମଲ୍ ସେମାନଙ୍କର ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଜଣାଇବେ । ସହରର ବିଭିନ୍ନ ଦୁର୍ଘଟଣା ପ୍ରବଣ ସ୍ଥାନରେ ଧଳା ସାଂକେତିକ ଚିହ୍ନ ଓ ଲାଇଟର ବ୍ୟବସ୍ଥା କରି ଚାଳକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ଲେଖା ପ୍ରଦର୍ଶନ ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ Enforcement କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଚଳିତ ବର୍ଷ ଜାନୁୟାରୀ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ୨୭୧୨ ଜଣଙ୍କର ହେଲମେଟ, ୩୮୯ ଜଣଙ୍କର ସିଟ୍‌ବେଲ୍ଟ, ଦ୍ରୁତଗତି ଗତିରେ ଯାଉଥିବା ୨୨୮୦ଟି ଗାଡି, ମଦ୍ୟପାନ କରି ଗାଡି ଚଳାଉଥିବା ୮୫ଟି ଗାଡି, ଅତ୍ୟଧିକ ମାଲ ପରିବହନ କରୁଥିବା ୩୭୭ଟି ଗାଡି,୧୪୯୮ଟି

ଚାଳକ ଲାଇସେନ୍ସ ଜବତ ଓ ୩୨୫ଟି ଗାଡି ବାଜ୍ୟାପ୍ତି କରାଯାଇଛି । ସେହିପରି ଜାନୁୟାରୀରୁ ଡିସେମ୍ବର ୨୦୧୮ ମସିହାରେ ୨୫୮, ୨୦୧୯ ମସିହାରେ ୨୧୨,୨୦୨୦ ମସିହାରେ ୧୯୨ ଓ ଚଳିତ ବର୍ଷ ଅକ୍ଟୋବର ମାସ ସୁଦ୍ଧା ୧୪୪ ଜଣ ମୃତ୍ୟୁବରଣ କରିଛନ୍ତି । ଏହି ବୈଠକରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁରେଶ ପ୍ରସାଦ ପାଣିଗ୍ରାହୀ, ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିଭାଭଞ୍ଜନ ସାମନ୍ତସିଂହାର, ତାଳଚେର ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ, ଅଧିସ୍ୱିକୃତ ସାମ୍ବାଦିକ ଶ୍ରୀ ସଂଗ୍ରାମ ରଂଜନ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

